# NATIONAL NEWS BULLETIN (ODIA)
## 26th September - 2024
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ତିନୋଟି ପରମରୁଦ୍ର ସୁପର କମ୍ପ୍ୟୁଟରର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

— କହିଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ପାଇଁ ଆଜି ଏକ ବଡ଼ ଉପଲବ୍ଧିର ଦିନ ।

- ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କଲେ ଉପରାଷ୍ଟ୍ରପତି ଜଗଦୀପ ଧଡ଼ଖଡ଼ ।
- ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ନେଇ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧ, କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ।

- ଇସ୍ରାଏଲ ଓ ହିଜ୍‌ବୁଲ୍ଲା ସଂଘର୍ଷକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକଙ୍କୁ ଲେବାନନ୍ ଯାତ୍ରା ନ କରିବାକୁ ବେରୁଟ୍‌ସ୍ଥିତ ଭାରତୀୟ ଦୂତାବାସର ପରାମର୍ଶ ।

ଏବଂ

- ମାକାଉ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପ୍ରି-କ୍ୱାଟର୍ ଫାଇନାଲ୍ ପର୍ଯ୍ୟାୟରେ କିଦାମ୍ବୀ ଶ୍ରୀକାନ୍ତ ବିଜୟୀ ।

# ପି.ଏମ୍. - ପରମ ସୁପର କମ୍ପ୍ୟୁଟର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୩ଟି ପରମରୁଦ୍ର ସୁପର କମ୍ପ୍ୟୁଟରର ଉଦ୍‌ଘାଟନ କରିଛନ୍ତି । ପାଣିପାଗ ଏବଂ ଜଳବାୟୁପାଇଁ ଉଦ୍ଦିଷ୍ଟ ଏହି ୩ଟିଯାକ କମ୍ପ୍ୟୁଟରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସୁପର କମ୍ପ୍ୟୁଟର ଏବଂ ଏଚ୍.ପି.ସି. ବ୍ୟବସ୍ଥାଦ୍ୱାରା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଦ୍ଭାବନକୁ ପ୍ରୋତ୍ସାହନ ମିଳିବ । ପ୍ରଯୁକ୍ତିବିଦ୍ୟା ଯୁଗରେ କମ୍ପ୍ୟୁଟିଂ କ୍ଷମତା ଜାତୀୟ ସାମର୍ଥ୍ୟର ବିକଳ୍ପ ପାଲଟିଛି ବୋଲି ସେ କହିଛନ୍ତି । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଜି ଭାରତ ପାଇଁ ଏକ ବଡ଼ ଉପଲବ୍ଧିର ଦିନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଦ୍ୟୋଗ-୪.୦ ଭାରତର

ସଫଳତାର ସବୁଠୁ ବଡ଼ ଆଧାର କ୍ଷେତ୍ର ବୋଲି ଶ୍ରୀ ମୋଦି କହିଛନ୍ତି । ପ୍ରାୟ ୧୩୦ କୋଟି ଟଙ୍କା ମୂଲ୍ୟର ଏହି ସୁପର କମ୍ପ୍ୟୁଟରଗୁଡ଼ିକ ଜାତୀୟ ସୁପର କମ୍ପ୍ୟୁଟର ମିଶନ ଅଧୀନରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କରାଯାଇଛି । ବୈଜ୍ଞାନିକ ଗବେଷଣାକୁ ଅଧିକ ସୁଗମ କରିବା ଲକ୍ଷ୍ୟରେ ପୁଣେ, ଦିଲ୍ଲୀ ଓ କୋଲକାତାଠାରେ ଏହି ସୁପର କମ୍ପ୍ୟୁଟରଗୁଡ଼ିକୁ ସ୍ଥାପନ କରାଯାଇଛି ।

## ଭି.ପି.-ସି.ଏସ୍.ଆଇ.ଆର୍.

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍ କହିଛନ୍ତି, ଗବେଷଣା ଏବଂ ବିକାଶ ପାଇଁ ଆର୍ଥିକ ସମ୍ବଳ ସହ ପୁଞ୍ଜିନିବେଶର ଫଳାଫଳକୁ ତୁଳନାତ୍ମକ ଭାବରେ ପର୍ଯ୍ୟାଲୋଚନା କରିବାର ଆବଶ୍ୟକତା ରହିଛି । ଦିଲ୍ଲୀରେ ଆୟୋଜିତ ୮୩ତମ ସି.ଏସ୍.ଆଇ.ଆର୍. ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଧନଖଡ଼ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗବେଷଣା ଏବଂ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗବେଷଣା ଏବଂ ବିକାଶ ଜାତୀୟ ନିରାପତ୍ତାପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଏହି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ କର୍ପୋରେଟ୍ କ୍ଷେତ୍ରଗୁଡ଼ିକୁ ଶ୍ରୀ ଧନଖଡ଼ ଆହ୍ୱାନ ଦେଇଛନ୍ତି । ବୈଜ୍ଞାନିକଙ୍କ ପ୍ରତିଭାର ସମ୍ପୂର୍ଣ୍ଣ ଉପଯୋଗ ଏବଂ ଏହାକୁ ଅଧିକ ପରିବ୍ୟାପ୍ତ କରିବାର ପ୍ରକୃଷ୍ଟ କ୍ଷେତ୍ର ରହିଛି । ଏହାର ସୁଯୋଗ ନେବାକୁ ସେ

ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି 'ସି.ଏସ୍.ଆଇ.ଆର୍. ବିଷୟବସ୍ତୁଭିତ୍ତିକ ପ୍ରଦର୍ଶନୀ-୨୦୨୪'ର ଉଦ୍‌ଘାଟନ କରିଛନ୍ତି ।

## ଜେ.କେ. - ଅମିତ୍ ଶାହା

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଆତଙ୍କବାଦୀ କାର୍ଯ୍ୟକଳାପକୁ ମୂଳୋତ୍ପାଟନ କରାଯାଇଛି । ଏହା ପୁନର୍ବାର ପ୍ରତ୍ୟାବର୍ତ୍ତନ କରିପାରିବ ନାହିଁ । ବି.ଜେ.ପି. ନେତୃତ୍ୱାଧୀନ ସରକାର ଆତଙ୍କବାଦମୁକ୍ତ ଅଞ୍ଚଳପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଉଦ୍ଧମପୁର ଜିଲ୍ଲାର ଚେନାନିଠାରେ ଏକ ନିର୍ବାଚନୀ ସମାବେଶରେ ଯୋଗଦେଇ ଶ୍ରୀ ଶାହା ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଧାରା ୩୭୦ ଉଚ୍ଛେଦ କରି ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ବୋଲି ସେ କହିଛନ୍ତି । ଏଥିସହ କାଠୁଆ ଏବଂ ଜମ୍ମୁ ଜିଲ୍ଲାର ଅନ୍ୟକେତେକ ନିର୍ବାଚନୀ ଜନସମାବେଶରେ ଶ୍ରୀ ଶାହା ଉଦ୍‌ବୋଧନ ଦେଇଛନ୍ତି । ଜମ୍ମୁ-କାଶ୍ମୀରରେ ଆସନ୍ତା ପହିଲାରେ ୪୦ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ ଜମ୍ମୁର ୨୪ଟି ଏବଂ କାଶ୍ମୀରର ୧୬ଟି ଆସନ ଅନ୍ତର୍ଭୁକ୍ତ ।

# ନଡ୍ଡା - ଓଡ଼ିଶା ଭିଜିଟ୍

ଦୁର୍ଗମ ଅଞ୍ଚଳରେ ଥିବା ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡା କହିଛନ୍ତି। ଓଡ଼ିଶା ଗସ୍ତରେ ଆସି ଶ୍ରୀ ନଡ୍ଡା ଆଜି ଭୁବନେଶ୍ୱରରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ବିଜେପି ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋଚନା କରିବା ଅବସରରେ ସେ କହିଛନ୍ତି, ବିଜେପି ଏକ ଗଣତାନ୍ତ୍ରିକ ଦଳ ଏବଂ ଏହା ଆଦର୍ଶବାଦ ଉପରେ ବିଶ୍ୱାସ କରେ। ଦେଶର ଏକମାତ୍ର ରାଜନୈତିକ ଦଳ ଭାବେ ବିଜେପି ସମସ୍ତଙ୍କ ସମର୍ଥନ ହାସଲ କରିଛି ।

ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି ଦେଶ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ଖୁବ୍ ଶୀଘ୍ର ଦେଶ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବ ବୋଲି ସେ କହିଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି, କେନ୍ଦ୍ର ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ବିଭିନ୍ନ ସୁବିଧା ଯୋଗାଇବା ଦିଗରେ କାର୍ଯ୍ୟ କରୁଛନ୍ତି।

# ପି.ଏମ୍. - ହରିୟାଣା

ହରିୟାଣାରେ ଆଉ ଥରେ ସରକାର ଗଠନ କରିବାକୁ ବି.ଜେ.ପି.କୁ ରାଜ୍ୟବାସୀ ସହଯୋଗ ପ୍ରଦାନ କରିବେ ବୋଲି ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି । ବୁଥ୍‌ସ୍ତରୀୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ହରିୟାଣାରେ ବି.ଜେ.ପି. ଦୁର୍ନୀତି ମୁକ୍ତ ସରକାର ଗଠନ କରିଛି । ଏହି ସରକାରଙ୍କ ଅମଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ କୌଣସି ପ୍ରକାର ବେଆଇନ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯାଉ ନାହିଁ ବୋଲି ସେ କହିଛନ୍ତି ।

# ଲେବାନନ୍-ଇସ୍ରାଏଲ୍

ଇସ୍ରାଏଲ୍‌ଦ୍ୱାରା ନିକଟରେ ହୋଇଥିବା ଆକାଶମାର୍ଗରୁ ଆକ୍ରମଣରେ ଲେବାନନ୍‌ର ୬ ଶହରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ଏହାର ଜବାବରେ ଲେବାନନ୍‌ର ସଶସ୍ତ୍ର ସଙ୍ଗଠନ ହିଜ୍‌ବୁଲ୍ଲା ଇସ୍ରାଏଲ୍ ଉପରେ ରକେଟ୍ ମାଡ଼ କରିଛି । ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ସଂଘର୍ଷ ବୃଦ୍ଧିକୁ ଦୃଷ୍ଟିରେ ରଖି ଗତକାଲି ଆମେରିକା, ଫ୍ରାନ୍‌ସ ଏବଂ ସେମାନଙ୍କର କେତେକ ସହଯୋଗୀ ରାଷ୍ଟ୍ର ଇସ୍ରାଏଲ୍-ଲେବାନନ୍ ସୀମାରେ ତୁରନ୍ତ ୨୧ ଦିନ ପାଇଁ

ଅସ୍ତ୍ରବିରତି କରିବାପାଇଁ ଆହ୍ୱାନ ଦେଇଛନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ସମ୍ପୂର୍ଣ୍ଣ ଶକ୍ତି ସହ ଲଢ଼େଇ ଜାରି ରଖିବାକୁ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି ।

ସଂଘର୍ଷକୁ ଦୃଷ୍ଟିରେ ରଖି ବେରୁଟସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ଲେବାନନ୍ ଯାତ୍ରା ନ କରିବା ଲାଗି ପରାମର୍ଶ ଦେଇଛି । ନାଗରିକଙ୍କୁ ଲେବାନନ୍‌ରୁ ଯଥାଶୀଘ୍ର ଫେରି ଆସିବା ପାଇଁ ମଧ୍ୟ ଦୂତାବାସ କହିଛି । ତେବେ କୌଣସି କାରଣବଶତଃ ସେଠାରେ ଅଟକି ରହିଥିବା ନାଗରିକଙ୍କୁ ଅଧିକ ସତର୍କ ରହିବାକୁ ଦୂତାବାସ ପକ୍ଷରୁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଦୂତାବାସ ସହ ସମ୍ପର୍କରେ ରହିବା ଲାଗି ପରାମର୍ଶ ଦିଆଯାଇଛି ।

## ପ୍ରଧାନ - ଅନ୍‌ଏମ୍ପ୍ଲୋୟମେଣ୍ଟ

ଅଣବି.ଜେ.ପି. ଶାସନାଧୀନ ରାଜ୍ୟଗୁଡ଼ିକରେ ନିଯୁକ୍ତିକ୍ଷେତ୍ରରେ ଅସମାନତା ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେହି ରାଜ୍ୟଗୁଡ଼ିକରେ ଯୁବାବର୍ଗଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେକାରି ହାରର ମୁକାବିଲା କରିବାରେ ସେଠାକାର ସରକାର ବିଫଳ ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ସମାଲୋଚନା କରିଛନ୍ତି । ଶ୍ରମଶକ୍ତି ସର୍ଭେ ୨୦୨୩-୨୪

ରିପୋର୍ଟ ଆଧାରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସର୍ଭେ ରିପୋର୍ଟ ଅନୁଯାୟୀ ବେକାରୀ ହାରରେ କେରଳ ଦେଶର ସବୁଠାରୁ ଆଗୁଆ ରହିଛି । ମଧ୍ୟପ୍ରଦେଶ ଏବଂ ଗୁଜୁରାଟ ଭଳି ରାଜ୍ୟ ସଫଳତାର ସହ ବେକାରି ସମସ୍ୟାକୁ ନିୟନ୍ତ୍ରଣ କରିପାରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## କର୍ଣ୍ଣାଟକ - ଗଡ଼କରୀ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁଣାତ୍ମକ ମାନବୃଦ୍ଧି ସହ ନିର୍ମାଣ କ୍ଷେତ୍ରକୁ ତ୍ୱରାନ୍ୱିତ ଏବଂ ପ୍ରକଳ୍ପ ଖର୍ଚ୍ଚକୁ ହ୍ରାସ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିକଳ୍ପ ସାମଗ୍ରୀ ପ୍ରସ୍ତୁତି ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ପରାମର୍ଶ ଦେଇଛନ୍ତି । ସେତୁ ନିର୍ମାଣରେ ଉନ୍ନତ ଜ୍ଞାନକୌଶଳ ସଂକ୍ରାନ୍ତ ଅନ୍ତର୍ଜାତୀୟ ସେମିନାରରେ ଆଜି ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗଡ଼କରୀ ଏହା କହିଛନ୍ତି । ଡିଜିଟାଲ୍ ପରିଚାଳନା ପ୍ରକଳ୍ପ ଅନୁମୋଦନକୁ ଅଧିକ ତ୍ୱରାନ୍ୱିତ କରିବ । ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁ, ପାଉଁଶ, ପ୍ଲାଷ୍ଟିକ୍, ରବର ଏବଂ ବାଉଁଶ ଉପଯୋଗ ଉପରେ ଗୁରୁତ୍ୱ ଦେବା ସହ ଶ୍ରୀ ଗଡ଼କରୀ ଏହାଦ୍ୱାରା ନିର୍ମାଣ ଖର୍ଚ୍ଚ ହ୍ରାସ ପାଇବ ବୋଲି ମତବ୍ୟକ୍ତ କରିଛନ୍ତି । ଇଣ୍ଡିଆନ୍ ରୋଡ୍‌ସ୍ କଂଗ୍ରେସ, ପି.ଆଇ.ଏ.ଆର୍.ସି. ଏବଂ କର୍ଣ୍ଣାଟକ ସରକାର ପୂର୍ତ୍ତବିଭାଗ ଦ୍ୱାରା ମିଳିତ ସହଯୋଗରେ ଏହି ସେମିନାର ଅନୁଷ୍ଠିତ ହୋଇଛି ।

## ପାଟିଲ୍ - ଓଡ଼ିଶା ଭିଜିଟ୍

ସ୍ୱଚ୍ଛତା କ୍ଷେତ୍ରରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରୁଛି ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଚନ୍ଦ୍ରକାନ୍ତ ରଘୁନାଥ ପାଟିଲ କହିଛନ୍ତି। ଓଡ଼ିଶାର ପୁରୀ ଜିଲ୍ଲା ସୁଆଣ୍ଡୋଠାରେ ଆଜି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆଧାରିତ ଏକ ଜନସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ଶୌଚାଳୟ ନିର୍ମାଣ କରାଯାଇଛି। ସ୍ୱଚ୍ଛତା ଅଭିଯାନର ସଫଳତାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ମନ୍ତ୍ରୀ ଶ୍ରୀ ପାଟିଲ୍ ଏହି ଗସ୍ତ କାଳରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ଚାରାରୋପଣ କରିଥିଲେ।

## ପୋଷର ମାହ

ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଏପର୍ଯ୍ୟନ୍ତ ଦେଶବ୍ୟାପୀ ୯ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ,

ଚଳିତ ବର୍ଷ ରକ୍ତହୀନତା ଦୂରୀକରଣ କ୍ଷେତ୍ରରେ ୧ କୋଟି ୮୮ ଲକ୍ଷ କାର୍ଯ୍ୟକ୍ରମ, ଅଭିବୃଦ୍ଧି ତଦାରଖ କ୍ଷେତ୍ରରେ ୧ କୋଟି ୬୮ ଲକ୍ଷ ଏବଂ ପୌଷ୍ଟିକ ଆହାର କ୍ଷେତ୍ରରେ ୧ କୋଟି ୪୫ ଲକ୍ଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

'ପୋଷଣ ଭି ପଢ଼ାଇ ଭି' ଅଭିଯାନ ଅନ୍ତର୍ଗତ ଦେଶବ୍ୟାପୀ ୧ କୋଟି ୫୯ ଲକ୍ଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମହାରାଷ୍ଟ୍ର, ବିହାର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶ ଏ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-ମରିସସ୍

ମରିସସ୍‌ରୁ ଆସିଥିବା ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସହ ଗତକାଲି ରଣନୈତିକ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଛି । କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଗତକାଲି ଏହି ପ୍ରତିନିଧିମଣ୍ଡଳୀର ତିନିଦିନିଆ ଭାରତ ଗସ୍ତ ଶେଷ ହୋଇଛି । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବୃଦ୍ଧିପାଇଁ ଏକ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି । ଭାରତ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ମନ୍ତ୍ରଣାଳୟ ସଚିବ ଭି. ଶ୍ରୀନିବାସ ଏବଂ କେ. କନ୍‌ହେ ମରିସସ୍ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ । ଏହି ଗସ୍ତ ଅବସରରେ ମରିସସ୍ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ଗତିଶକ୍ତି, GeM ଏବଂ UIDAIର ବିଶେଷଜ୍ଞଙ୍କ

ସହ ଆଲୋଚନା କରିଥିଲେ । ଦୁର୍ନୀତିରେ ଶୂନ୍ୟ ସହନଶୀଳତା ପ୍ରସଙ୍ଗରେ ମରିସସ୍ ପ୍ରତିନିଧିମଣ୍ଡଳୀକୁ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ଅବଗତ କରାଇଥିଲେ ।

## ବ୍ୟାଡ୍‌ମିଣ୍ଟନ - ମାକାଉ ଓପନ୍

ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର କିଦାମ୍ବୀ ଶ୍ରୀକାନ୍ତ ପ୍ରି-କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ତାଙ୍କ ପ୍ରତିପକ୍ଷ ଆୟୁଷ ସେଟ୍ଟୀଙ୍କୁ ୨୧-୧୩, ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି । ମହିଳା ଡବଲ୍‌ସ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଏବଂ ତ୍ରିସା ଜୋଲୀ ତାଇୱାନ୍‌ର ଲିନ୍ ଚି-ଚୁନ୍ ଏବଂ ତେଙ୍ଗ୍ ଚୁନ-ସୁନ୍‌ଙ୍କ ଯୋଡ଼ିକୁ ୨୨-୨୦, ୨୧-୧୧ ସେଟ୍‌ରେ ହରାଇ ଦେଇଛନ୍ତି । ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍‌ସ୍‌ରେ ତସ୍‌ନିମ୍ ମିର୍ ଜାପାନର ତୋମୋକା ମିୟାଜାକିଙ୍କଠାରୁ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ୧୭-୨୧, ୨୧-୧୩ ଏବଂ ୧୦-୨୧ ସେଟ୍‌ରେ ହାରିଯାଇଛନ୍ତି ।

*****